## ୩ ବଖରା ଜଳିଗଲା

ଧାମନଗର,(ସ୍ୱ.ପ୍ର./ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ସାହିରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୩ ବଖରା ଘର ଜଳିଯାଇଛି। ସେଥିମଧ୍ୟରେ ଚକ୍ରଧର ବେହେରାଙ୍କର ୨ ଓ ନିରଞ୍ଜନ ଦଳେଇଙ୍କର ବଖରାଏ ପୋଡ଼ିଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଘଟିଥିବା କୁହାଯାଉଛି।

### ସଂକ୍ଷେପରେ

## ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ରାଇରଙ୍ଗପୁର, ୨୦।୪(ଡି.ଏନ.ଏ.) ସ୍ଥାନୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପକ କୁମାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ବୁଧୁରାମ ବିନ୍ଧାଣୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୮ ଫେବୃୟାରୀ ୧୮ ରେ ଠାକୁରାଣୀବେଡ଼ା ଗ୍ରାମର ସଚ୍ଚିନ୍ଦ୍ର ପ୍ରସାଦ ମହାନ୍ତଙ୍କ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏଥିରେ ବୁଧୁରାମ ଉତ୍ତ୍ୟକ୍ତ ହୋଇ ଏକ ଶାଗୁଆନ କାଠ ଫାଳିଆରେ ସଚ୍ଚିନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ହତ୍ୟା ମାମଲା (ନଂ. ୧୯/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ ପଙ୍କଜ ଦାସ ପରିଚାଳନା କରିଥିଲେ।

## ଚୋରି ସନ୍ଦେହ: ୩ଜଣଙ୍କୁ ଉଠାଇ ନେଲା ଭଦ୍ରକ ପୋଲିସ

ଖଇରା, ୨୦।୪(ଡି.ଏନ.ଏ.)-ଭଦ୍ରକ ସଦର ଥାନା ଅଧୀନରେ ଏକ ଗହଣା ଚୋରିରେ ସମ୍ପୃକ୍ତ ଅଭିଯୋଗରେ ଭଦ୍ରକ ପୋଲିସ ଖଇରା ଥାନା ଅଞ୍ଚଳରୁ ଜଣେ ଗହଣା ବ୍ୟବସାୟୀଙ୍କ ସମେତ ୩ଜଣ ଯୁବକଙ୍କୁ ବୁଧବାର ସନ୍ଧ୍ୟାରେ ଉଠାଇ ନେଇଛି। ବଟେଶ୍ୱର ଗ୍ରାମର ଦେବାଶିଷ ଦାସ, ଚକ ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ ଭଦ୍ରକ ଅଞ୍ଚଳରୁ ୨ଲକ୍ଷ ଟଙ୍କାର ଗହଣା ଚୋରି କରି ଖଇରାରେ ଏବି ଜୁଏଲେରୀ ଦୋକାନରେ ବିକ୍ରି କରିଥିଲେ। ଭଦ୍ରକ ସଦର ଥାନା ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ ଖୋଳତାଡ ପରେ ଦେବାଶିଷ ଓ ଅନ୍ତର୍ଯ୍ୟାମୀଙ୍କୁ ଭଦ୍ରକରୁ ଗିରଫ କରିଥିଲେ। ତାଙ୍କ ନିକଟରୁ ସୂଚନା ପାଇ ଖଇରା ପୋଲିସ ସହାୟତାରେ ଉକ୍ତ ଗହଣା ଦୋକାନୀଙ୍କୁ ଗିରଫ କରାଯାଇଛି।

## ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

ପଦ୍ମପୁର,୨୦।୪ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡାଠାରେ ମଙ୍ଗଳବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର ଜୀବନ ସିଂ(୨୪)। ଏନେଇ ନାୟକାଣିଡିହୀ ଥାନାରେ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁ କରାଯାଇଛି। ଜୀବନ ବାଲିମୁଣ୍ଡାସ୍ଥିତ ଏକ କମ୍ପାନୀର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଧାମନଗର,୨୦।୪(ସ୍ୱ.ପ୍ର./ଡି.ଏନ.ଏ.)-ଭଦ୍ରକ ଜିଲା କୋଠାର-ଧାମନଗର ରାସ୍ତାର ଗୁମୁଗଡଠାରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧାମନଗର ଥାନା ଦକ୍ଷିଣବାଡ ଗ୍ରାମର ଗୌରବ ବେହେରା ଓ ଗୁରୁତର ହେଲେ ଶିବଶଙ୍କର ବେହେରା। ସେମାନେ ବାଇକ୍‌ରେ କୋଠାରରୁ ଘରକୁ ଫେରୁଥିଲେ। ଗୁମୁଗଡଠାରେ ଏକ କୁକୁର ବାଇକ୍ ସାମ୍ନାକୁ ଆସିବାରୁ ନିୟନ୍ତ୍ରଣ ହରାଇ ସେମାନେ ରାସ୍ତାକଡ଼ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଗୌରବଙ୍କୁ ମୃତ ଘୋଷଣା କରିଥିଲେ।

# ପାଣି ପାଇଁ ଡହଳବିକଳ

## ଗରା ଧରି ରାସ୍ତାରେ ମହିଳା



ଗ୍ରାମବାସୀ ପାଣି ପାଇଁ ରାସ୍ତାରୋକୋ କରୁଛନ୍ତି।

ଜଳେଶ୍ୱର,୨୦।୪(ଡି.ଏନ.ଏ.)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଘନ ଘନ ବିଦ୍ୟୁତକାଟ୍ ଯୋଗୁ ପାଇପ୍ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତ ପ୍ରସାଦଶୋଳ ଗ୍ରାମର ଆଦିବାସୀ ସାହିରେ ପିଇବା ପାଣି ସମସ୍ୟା ଯୋଗୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଲାଗି ଗ୍ରାମବାସୀ ୨୦୧୫ରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଫଳ ଶୂନ। ଏହାର ପ୍ରତିବାଦ କରି ବୁଧବାର ରେଣ୍ଟା ହେମ୍ବ୍ରମଙ୍କ ନେତୃତ୍ୱରେ ଆଦିବାସୀ ସାହିର ମହିଳାମାନେ ରାସ୍ତାରେ ଗରା ଧରି ବସି ରହିଥିଲେ। ସରପଞ୍ଚ ସୁବିନିକା ଦତ୍ତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

ଉଲ୍ଲେଖଯୋଗ୍ୟ, ଗାଁରେ ସବୁ ଗାଡିଆ, ପୋଖରୀ ଶୁଖିଯାଇଥିବାରୁ ଏଭଳି ସମସ୍ୟା ଉପୁଜିଛି। ବସୁଧା ଯୋଜନାରେ ୨ଟି ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଗୋଟିଏ କାର୍ଯ୍ୟକ୍ଷମ ହୋଇଛି। ମାତ୍ର ସେଠାରୁ ଖୁଣ୍ଟା ଓ କଳମା ଗାଁକୁ ପାଣି ଯୋଗାଣ ହେଉଥିଲେ ମଧ୍ୟ ପ୍ରସାଦଶୋଳ ଆଦିବାସୀ ସାହିକୁ ପାଣି ଯୋଗାଣ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୮ଦିନ ମଧ୍ୟରେ ଯୋଗାଣ ନ ହେଲେ ଆନ୍ଦୋଳନ

ବାରିପଦା ଅଫିସ

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଧନପୁର ଗ୍ରାମରେ ପାନୀୟ ଜଳ ସଙ୍କଟକୁ ନେଇ ବୁଧବାର ଶତାଧିକ ମହିଳା ଗରା, ବାଲ୍‌ତି ଧରି ରାସ୍ତା ଅବରୋଧ କରିଛନ୍ତି। ୮ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ପିଇବା ପାଣି ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସଦର ଥାନା ପୋଲିସ ଓ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି।

ଜିଲାରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପକୁ ନେଇ ଭୂତଳ ଜଳ ନିମ୍ନଗାମୀ ହେବାରୁ ବସୁଧା ଯୋଜାନରେ ନିର୍ମାଣ ହୋଇଥିବା ବୋରିଂରୁ ଜଳ ଉତ୍ତୋଳନ ହୋଇପାରୁନାହିଁ। ଫଳରେ ଗ୍ରାମର ଶତାଧିକ ପରିବାର ଲୋକମାନେ ୨କି.ମି. ଦୂରକୁ ଯାଇ ପାନୀୟଜଳ ସଂଗ୍ରହ କରୁଥିବା ବେଳେ ଖରାତାତିକୁ ନେଇ ସମସ୍ତେ ହଇରାଣ ହରକତ ହେଉଛନ୍ତି। ଖରାଦିନେ ପାନୀୟଜଳ ସଙ୍କଟକୁ ନେଇ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଶୋଷ ମେଣ୍ଟାଇବା ପାଇଁ ଗ୍ରାମର ଲୋକମାନେ ନିରୁପାୟ ହୋଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ବୋଲି ଗ୍ରାମର ଯଶୋଦା ମହାନ୍ତ, ସାଧୁ ସିଂ, ବଉଳୀ ସିଂ, ସିପୁନ ମହାନ୍ତ, ଭାରତୀ ମହାନ୍ତ, ଗୁରୁବାରୀ ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି।



ଗରା ବାଲ୍‌ତି ଧରି ବିକ୍ଷୋଭ କରୁଥିବା ମହିଳା ପୁରୁଷ।

## ଜବରଦଖଲ ଉଚ୍ଛେଦ

ପାଟଣା,୨୦।୪(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ୩୧ ଜଣ ଭୂମିହୀନ ୨୦୦୬ ମସିହାରୁ ୪ ଡେସିମିଲ ଲେଖାଏଁ ଜମିର ଘରବାରି ପଟା ପାଇଥିଲେ ହେଁ ତୁରୁମୁଙ୍ଗା ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜବର ଦଖଲ କରି ଜମି ଉପରେ ବେଆଇନ ନିର୍ମାଣ କରିଥିଲେ। ଫଳରେ ଉକ୍ତ ଭୂମିହୀନପ୍ରଜା ବିଭିନ୍ନ ସମୟରେ ପାଟଣାର ପୂର୍ବତନ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପୂର୍ବରୁ ଉକ୍ତ ଗ୍ରାମବାସୀ କେତେଥର ତହସିଲ ଓ ତୁରୁମୁଙ୍ଗା ଆର ଆଇ ଅଫିସ ଘେରାଉ କରିଥିଲେ ହେଁ ଦଖଲ ପାଇବାକୁ ସଫଳ ହୋଇ ନଥିଲେ। ଅଭିଯୋଗ ପାଇ ବୁଧବାର ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ତୁରୁମୁଙ୍ଗା ଥାନାଧିକାରୀ ମଦନ ମୋହନ ନାଏକଙ୍କ ଉପସ୍ଥିତିରେ ରେଭେନ୍ୟୁ ସୁପରଭାଇଜର ବନମାଳୀ ନାଏକ, ତୁରୁମୁଙ୍ଗା ଆରଆଇ ନରେଶ ମହାନ୍ତ, ରାଜନଗର ଆରଆଇ ଶିବ ପ୍ରସାଦ ମହାନ୍ତ ପ୍ରମୁଖ ଜବରଦଖଲ ଉଚ୍ଛେଦ କରି ପୁନର୍ବାର ୩୧ ଜଣ ଭୂମିହୀନଙ୍କୁ ଦଖଲ ପ୍ରଦାନ କରିଛନ୍ତି।

## ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା।

କେନ୍ଦୁଝର, ୨୦।୪ (ସ୍ୱ.ପ୍ର./ ଡି.ଏନ.ଏ.)

କେନ୍ଦୁଝର ଜିଲାରୁ ଖଣିଜପଥର ପରିବହନ ରାସ୍ତା ଓ ଟ୍ରେନ ଲାଇନ ପରେ ପାଇପ ଲାଇନ୍‌ରେ ହେବ। ଏଥିପାଇଁ ଜିଲାରେ ଦୁଇଟି ପାଇପ ଲାଇନ୍‌ରେ ଲୁହାପଥର ପରିବହନ କଳିଙ୍ଗନଗର ଓ ପାରାଦୀପକୁ ହେଉଥିବା ବେଳେ ଆଉ ୪ଟି ପାଇପ ଲାଇନରେ ଅନ୍ୟାନ୍ୟ ଅଞ୍ଚଳକୁ ଲୁହାପଥର ପରିବହନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି।

ପୂର୍ବରୁ ରେଳପଥରେ ଲୁହାପଥର ପରିବହନ ଯୋଗୁ ରାସ୍ତା ପଥରେ ଟ୍ରକ ଯୋଗେ ଲୁହାପଥର ପରିବହନ ବାଧାପ୍ରାପ୍ତ ହୋଇ ଆସୁଛି। ଏବେ ପାଇପ୍‌ରେ ଲୁହାପଥର ପରିବହନ ହେଲେ ଟ୍ରକ ମାଲିକ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବେ ବୋଲି ମତବ୍ୟକ୍ତ କରିଛନ୍ତି। ଏଣୁ ଏହାଦ୍ୱାରା ଟ୍ରକ ମାଲିକ ତଥା ଏହା ଉପରେ ନିର୍ଭରଶୀଳ ଡ୍ରାଇଭର ଓ ହେଲପର ପରିବାର, ଗ୍ୟାରେଜ ମାଲିକ, ହୋଟେଲ ମାଲିକ ଆଦି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେବେ। ବିଶେଷ କରି ଶିକ୍ଷିତ ବେରୋଜଗାର ଯୁବକ ମାନେ ଋଣ କରି ଟ୍ରକ୍ ଆଣି ଲୁହାପଥର ପରିବହନ କରି ପେଟପୋଷୁଛନ୍ତି। ପାଇପ ଦ୍ୱାରା ଲୁହାପଥର ପରିବହନ ହେଲେ ସେମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି କହିଛନ୍ତି। ୬୦ ପ୍ରତିଶତ ଲୁହାପଥର ରାଜପଥରେ ପରିବହନ କରିବାକୁ ସମସ୍ତ ଟ୍ରକ ମାଲିକ ସଂଘ ବୈଠକ ଡାକି ନିଷ୍ପତ୍ତି ନେଇ ବୁଧବାର ଜିଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର, ଯୋଡା, ବଡବିଲ, ଗୁଆଲି, କାଳିମାଟି, ଭଦ୍ରାସାହି ଟ୍ରକ/ଟିପର ମାଲିକ ସଂଘର କାର୍ଯ୍ୟକର୍ତ୍ତା ବୈଠକରେ ଏହି ନିଷ୍ପତ୍ତି ନେଇଥିଲେ। ଅନ୍ୟୁନ ୬୦ ପ୍ରତିଶତ ଲୁହାପଥର ପରିବହନ ରାସ୍ତା ପଥରେ କରିବାକୁ ବ୍ୟବସ୍ଥା କରିବା ଜରୁରୀ ବୋଲି କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ସମ୍ପାଦକ ସୂର୍ଯ୍ୟ ନାରାୟଣ କର କହିଛନ୍ତି। ନଚେତ୍ ଟ୍ରକ୍ ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂରକ୍ଷଣ ତାଲିକାରୁ ବାଦ୍ ଦେବା ଦାବିରେ ଶୋଭାଯାତ୍ରା

ବାରିପଦା ଅଫିସ, ୨୦।୪

ଆଦିବାସୀଙ୍କ ଧର୍ମ, ସଂସ୍କୃତି, ପରମ୍ପରା ଓ ପୂଜା ପଦ୍ଧତି ତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରିଥିବା ଆଦିବାସୀଙ୍କୁ ସଂରକ୍ଷଣ ତାଲିକାରୁ ବାଦ ଦେବା ଓ ସେମାନଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ବନ୍ଦ କରିବା ଦାବିରେ ମୟୂରଭଞ୍ଜ ଜନଜାତି ସୁରକ୍ଷା ମଞ୍ଚ ତରଫରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ଶକ୍ତିଦୟାଲ କିସ୍କୁ ଓ ସମାଜସେବୀ ରୁହ୍ୟା ବାବାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶ ସ୍ଥାନୀୟ ଛଉ ପଡ଼ିଆଠାରୁ ଆରମ୍ଭ ହୋଇ ବଜାର ପରିକ୍ରମା କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମାବେଶ ସ୍ଥଳରେ ଜନଜାତି ସୁରକ୍ଷା ମଞ୍ଚର ଅଖିଳ ଭାରତୀୟ ସହ ସଂଯୋଜକ ଡ ରାଜକିଶୋର ହାଁସଦା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଧର୍ମାନ୍ତରିତ ଆଦିବାସୀଙ୍କୁ ସଂରକ୍ଷଣରୁ ବାଦ ଦେବାକୁ ଦାବି କରିଥିଲେ। ଉକ୍ତ ପ୍ରସଙ୍ଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡକ୍ଟର କାର୍ତ୍ତିକ ଓରାମଙ୍କ ଦ୍ୱାରା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୩୪୮ ଜଣ ଏମ୍‌ପିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପରେ ସେ ଆଲୋଚନା କରିଥିଲେ। ଜନଜାତି ସୁରକ୍ଷା ମଞ୍ଚର ବରିଷ୍ଠ ସଦସ୍ୟ ଭୀମଚରଣ ମାଝୀ କବିତା ମାଧ୍ୟମରେ ନିଜର ବକ୍ତବ୍ୟ ରଖି ଆରକ୍ଷଣରୁ ଧର୍ମାନ୍ତରିତ ବ୍ୟକ୍ତିମାନଙ୍କୁ ବାଦ ଦେବାକୁ ଦାବି କରିଥିଲେ। ମଞ୍ଚର ସଦସ୍ୟା ତଥା ସମାଜସେବୀ କୌଶଲ୍ୟା ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୀତା ହେମ୍ବ୍ରମ, ମୋରଡା ବ୍ଲକ ସଂଯୋଜକ ଜାଗେନ ହେମ୍ବ୍ରମ ଓ ଅଞ୍ଜଳୀ ସିଂ ବକ୍ତବ୍ୟ ରଖିବା ସହିତ ଧର୍ମାନ୍ତରିତ ବ୍ୟକ୍ତିମାନଙ୍କର ଆରକ୍ଷଣ ବନ୍ଦ କରିବାକୁ ଦାବି କରିଥିଲେ।

## 'ଜୀବନକୁ ପୁଲକିତ କରେ ସାହିତ୍ୟ'

ଖଇରା, ୨୦।୪(ଡି.ଏନ.ଏ.)

କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ୫ମ ବାର୍ଷିକ ସମାରୋହ ବାଲେଶ୍ୱର ଜିଲା ପଳାସପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସୁଦାମଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଆଲୋଚନାରେ କବି ବପିନିବିହାରୀ ବିଶ୍ୱାଳ, ଡ. ଦୟାନିଧି ସାହୁ, କବି ଗୌରାଙ୍ଗ ପାଣିଗ୍ରାହୀ, ଡ.ଶରତଚନ୍ଦ୍ର ମହାନ୍ତି, ବ୍ରଜେନ୍ଦ୍ର ଗିରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅବକ୍ଷୟମୁଖୀ ସମାଜକୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ସାହିତ୍ୟର ଅନେକ ଭୂମିକା ରହିଛି ବୋଲି କହିଥିଲେ। ସମ୍ପାଦକ ଲମ୍ବୋଦର ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟ ସଭା ଜୀବନକୁ ପୁଲକିତ କରେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମୁଖପତ୍ର ବିଜୟିନୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବରେ କବି ଦମୋଦର ନାୟକ ସଭାପତିତ୍ୱ କରିଥିଲେ। ସମୀକ୍ଷାରେ କବି ଡମ୍ବରୁଧର ଭୋଳ, କବି ସର୍ବେଶ୍ୱର ଜେନା, ଅନାଦିଚରଣ ଜେନା ଓ ସଂଯୋଜନାରେ କବୟିତ୍ରୀ ସସ୍ମିତା ରାଉତ, କଳ୍ପନା ପାଢୀ ଅଂଶଗ୍ରହଣ କରିଥିଲେ। ମହେଶ୍ୱର ପଣ୍ଡା, ନିରଞ୍ଜନ ପ୍ରସାଦ ବରିକ, କୁଂଜଲତା ମାହୁନ୍ତ ,ମହେଶ୍ୱର ପଟ୍ଟନାୟକପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। କୁନ୍ତଳା ମହାରଥ ସ୍ୱାଗତଭାଷଣ ଦେଇଥିଲେ। କବୟିତ୍ରୀ କଲ୍ୟାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୮୦ଟି କବିତା ପାଠ କରାଯାଇଥିଲା।

## ପାଇକ ଆଖଡ଼ା, ଲୋକନୃତ୍ୟର ମଜା ନେଲେ ଦର୍ଶକ

ଖଇରା, ୨୦।୪(ଡି.ଏନ.ଏ.)

### ସରିଲା ଅସୁରିଆ ମହୋତ୍ସବ

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ମା' ଜାଗୁଳି ଯୁବକ ସଂଘ ଆନୁକୂଲ୍ୟରେ ଅସୁରିଆ ଗ୍ରାମରେ ଚାଲିଥିବା ୨ଦିନିଆ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସଭାପତି ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶୃଙ୍ଖଳିତ ଗୋଷ୍ଠୀ ବିରୋଧରେ ଯୁବଗୋଷ୍ଠୀ ଏକାଠି ହୋଇ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ମହୋତ୍ସବ ପଡିଆକୁ ସଂଯୋଗ କରୁଥିବା ରାସ୍ତା ଏବଂ ନନ୍ଦୁର ହାଇସ୍କୁଲର ଶିକ୍ଷକ ସମସ୍ୟା ଯଥାଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣନାଥ ଓଝା, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ସମିତିସଭ୍ୟା ଦମୟନ୍ତୀ ସିଂ ଓ ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ଆଇନଜୀବୀ ପ୍ରହ୍ଲାଦ ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା, କଳା, କୃଷି ଓ ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରଭାସ ଚନ୍ଦ୍ର ଗିରି, ମାନସ ଧଡା, ପ୍ରିୟଙ୍କା ପ୍ରିୟଦର୍ଶନୀ ହାତୀ, ଡଃ ବୈଦ୍ୟନାଥ ଓଝା, ପ୍ରଜ୍ଞାସିନୀ ନାୟକ, ସୀତା ମାରାଣ୍ଡି, ଲକ୍ଷ୍ମୀପ୍ରିୟା ମହାନ୍ତି, ଲକ୍ଷ୍ମଣ ମାଝି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡିଓ ପର୍ଶୁରାମ ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସୁରେନ୍ଦ୍ର ପ୍ରସାଦ ନାୟକ, ଭରତ କୁମାର ଜେନା, ସଂଘ ସମ୍ପାଦକ ତପନ ବାରିକ, ଉପସଭାପତି ଯଦୁନାଥ ସାମଲ, ରାଜକିଶୋର ପରିଡା, ଗୌରାଙ୍ଗ ମହାନ୍ତି, ନରହରି ରାଉଳ, ମହେଶ୍ୱର ସାମଲ ମଞ୍ଚାସୀନ ହୋଇଥିଲେ।

୨ଦିନ ଧରି ସମ୍ବଲପୁରୀ ନୃତ୍ୟ, ପାଇକ ଆଖଡା, ଲୋକନୃତ୍ୟ ଏବଂ ପୁରୀରୁ ଆସିଥିବା ମହ୍ଲାର ଭଜନ ସନ୍ଧ୍ୟାକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।



ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

## 'ଜାତୀୟ ମୁକ୍ତି ସଂଗ୍ରାମର ଯୋଦ୍ଧା ଥିଲେ ବାଞ୍ଛାନିଧି'

ଭଦ୍ରକ ଅଫିସ,୨୦।୪

ଜାତୀୟକବି ବାଞ୍ଛାନିଧି ମହାନ୍ତି ଥିଲେ ଜାତୀୟ ମୁକ୍ତି ସଂଗ୍ରାମର ଜଣେ ମହାନ ଯୋଦ୍ଧା। ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ବୋଷ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକଙ୍କ ମଧ୍ୟରେ ଉତ୍କଳୀୟ ଓ ଜାତୀୟ ଚେତନା ସୃଷ୍ଟି କରିପାରିଥିଲେ ବୋଲି ବୁଧବାର ଭଦ୍ରକ ସହର ସ୍ଥିତ ପ୍ରଜ୍ଞାପୀଠରେ ଅନୁଷ୍ଠିତ ଜିଲାସ୍ତରୀୟ ବାଞ୍ଛାନିଧି ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସ୍କୃତି ସଙ୍ଗଠନ ଆମେର ସ୍ଥାୟୀ ସଭାପତି ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଏବଂ ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଆଜୀବନ ସଂଗ୍ରାମୀ ନିରାକାର ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ସୁବାସ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଶାନିକ ଅଧିକାରୀ ବିଦ୍ୟାଧର ପଲେଇ, ଆଇନଜୀବୀ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଅଧ୍ୟାପକ ଅମିତ କୁମାର ନାୟକ, ଅଧ୍ୟାପିକା ସ୍ୱାଗତିକା ସାହୁ, ରମାକାନ୍ତ ପଣ୍ଡା, ଡ. ଅବନି ପ୍ରଧାନ, ଆଇନଜୀବୀ ଅନଙ୍ଗ ମଞ୍ଜରୀ ନାୟକ, କୈଳାସ ଜେନା, ସୁବଳ ଚନ୍ଦ୍ର ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଞ୍ଜୟ ଚକ୍ରବର୍ତ୍ତୀ, ଆଦ୍ୟାଶା ନାୟକ, ଆରାଧ୍ୟା ନାୟକ ଓ ଅନିକେତ ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## 'ଛାତ୍ର ଜୀବନର ପ୍ରତିଟି ମୁହୂର୍ତ୍ତ ପରୀକ୍ଷା ଦେବାର ସମୟ'

ବାହାନଗା, ୨୦।୪(ଡି.ଏନ.ଏ.)

### ବିଷ୍ଣୁପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ଦିବସ

ଜଣେ ଶିକ୍ଷକ ଶିକ୍ଷାଦାନର ସମସ୍ତ ନିଷ୍ଠା ଛାତ୍ରୀଛାତ୍ରଙ୍କ ଉପରେ ଢାଳିଦିଏ। ଛାତ୍ରୀଛାତ୍ର ଭବିଷ୍ୟତରେ ପ୍ରତିଷ୍ଠିତ ହୋଇପାରିଲେ ଶିକ୍ଷକଜଣକ ପ୍ରକୃତ ଶିକ୍ଷକତା ଲାଭ କରେ ବୋଲି ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି।

ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଛାତ୍ର ଜୀବନର ପ୍ରତିଟି ମୁହୂର୍ତ୍ତ ପରୀକ୍ଷା ଦେବାର ସମୟ। କାର୍ଯ୍ୟକ୍ରମ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବାର ଥିଲେ ମଧ୍ୟ ମନ୍ତ୍ରୀ ସାହୁ ସଭାସ୍ଥଳକୁ ଆସିବା ପୂର୍ବରୁ କାଳବୈଶାଖୀରେ ସଭା ସ୍ଥଳ ଭାଙ୍ଗି ନଷ୍ଟ କରିପକାଇଥିଲା। ତେବେ ଗ୍ରାମବାସୀ ଓ ଛାତ୍ରମାନଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ପୁନର୍ବା ସଭା ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଲୋକଙ୍କ ପରିଶ୍ରମ ଦେଖି ଫେରି ନ ଯାଇ ଅପେକ୍ଷା କରି ଲୋକଙ୍କୁ ଉତ୍ସାହିତ କରିଥିଲେ। ପରେ ବିଷ୍ଣୁପୁର ଗ୍ରାମକୁ ବିଧାୟକ ପର୍ଶୁରାମ ଧଡାଙ୍କ ସହିତ ଚାଲି ଚାଲି ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଧଡା, ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଶରତ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସପନ କୁମାର ଦେ, ବିଷ୍ଣୁପୁର ସରପଞ୍ଚ ଛାୟାଲତା ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାରେ ପୌରୋହିତ୍ୟ କରିଥିଲେ ସୁବର୍ଣ୍ଣ ଜୟନ୍ତୀ କମିଟି ଉପସଭାପତି ମହେଶ୍ୱର ମହାରଣା। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରାତନ ଶିକ୍ଷୟତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ,ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମନ୍ତ୍ରୀ ଅରୁଣ ସାହୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ୨୭୧ ହକରଙ୍କୁ ମିଳିଲା ପରିଚୟପତ୍ର

ଭଦ୍ରକ ଅଫିସ: ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ତାଲିକା ଅନୁଯାୟୀ ୨୭୧ଜଣ ହକରଙ୍କୁ ବୁଧବାର ପରିଚୟପତ୍ର ବଣ୍ଟନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଓ ଉପଜିଲାପାଳ ମନୋଜ ପାତ୍ରଙ୍କ ଦ୍ୱାରା ଏହି କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।

## ସଂକ୍ଷେପରେ

### ୯ ସ୍କୁଲ ଗାଡ଼ିକୁ ଜରିମାନା

ବାରିପଦା ଅଫିସ,୨୦।୪
ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ମୟୂରଭଞ୍ଜ ଜିଲା ବାରିପଦା ସହରରେ ସ୍କୁଲ ଯାନବାହନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଯାଞ୍ଚ ବେଳେ ୯ଟି ସ୍କୁଲ ଯାନକୁ ଜରିମାନା କରାଯାଇଛି।ପ୍ରଥମ ଦିନରେ ୨ ବସ୍ ଓ ୭ ହାଲୁକା ଯାନର ଫିଟ୍‌ନେସ, ଅନୁମତିପତ୍ର, ବୀମା, ଚାଳକ ପ୍ରମାଣପତ୍ର, ପ୍ରଦୂଷଣ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ଯାଞ୍ଚ କରାଯାଇଥିଲା। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି କୁହାଯାଇଛି।

ପ୍ରକାଶ ଥାଉକି, ବାରିପଦା ସହରରେ ଥିବା ବିଭିନ୍ନ ବିଦ୍ୟାଳୟରେ ପୁରୁଣା ଗାଡ଼ିରେ ଛାତ୍ରୀଛାତ୍ରଙ୍କୁ ବିପଦସଙ୍କୁଳ ଭାବେ ନେବା ଆଣିବା କରାଯାଉଥିବା ବେଳେ ଯାଞ୍ଚକୁ ଦେଖି ବୁଧବାର ଅନେକ ଗାଡ଼ି ଚଳାଚଳ ବନ୍ଦ ରହିଛି। ଅନେକ ଶିକ୍ଷାନୁଷ୍ଠାନ ପୁରୁଣା ବସ୍ ଓ ହାଲୁକା ଯାନକୁ କେବଳ ହଳଦିଆ ରଙ୍ଗ ମାରି ନିୟୋଜିତ କରିଥିବା ବେଳେ ଛାତ୍ରୀଛାତ୍ର ପରିବହନ ସମ୍ପର୍କିତ ସର୍ତ୍ତାବଳୀ ମାନୁ ନାହାନ୍ତି। ଶିକ୍ଷାନୁଷ୍ଠାନର ନିଜସ୍ୱ ନାମରେ ଯାନଗୁଡ଼ିକ ମାଲିକାନା ସତ୍ତ୍ୱ ରହିବା ପ୍ରତିବଦଳରେ ପୂର୍ବ ମାଲିକଙ୍କ ନାମରେ ଏବେ ମଧ ମାଲିକାନା ରହିଛି। ତେବେ ଆଗାମୀ ୭ଦିନ ମଧରେ ଜିଲାରେ ଥିବା ୧୯୨ ବେସରକାରୀ ବିଦ୍ୟାଳୟରେ ନିୟୋଜିତ ଥିବା ୭୮ ଯାନର ଯାଞ୍ଚ କରାଯିବ ବୋଲି ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ଜି.କେ. ଦାସ କହିଛନ୍ତି।

### କାଳବୈଶାଖୀ: ଘର ଭାଙ୍ଗିଲା, ଛପର ଉଡ଼ିଲା

ସଜନାଗଡ଼, ୨୦।୪(ଡି.ଏନ.ଏ.)- ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ବର୍ଷା ହୋଇଥିଲା। ରକ୍ଷିଆ ଗ୍ରାମର ୧୦ନଂ. ୱାର୍ଡର ଶ୍ରୀମତୀ ସିଂଙ୍କ ଆଜବେଷ୍ଟସ୍ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହ ଛପର ଉଡ଼ିଯାଇଥିଲା। ଫଳରେ ଘରେ ଥିବା ଚାଉଳ, ଧାନ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ବାସନ୍ତୀ ହେମ୍ବ୍ରମ୍ ଓ ସମିତିସଭ୍ୟା ସୁକାନ୍ତି ବିଶ୍ୱାଳ ପହଞ୍ଚି ବୁଲି ଦେଖିବା ସହ ଫଟୋ ଉଠାଇ ଆର୍‌ଆଇଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଏହି ପରିବାର ବୁଢ଼ୀମା' ସହିତ ୪ ଝିଅ ରହୁଛନ୍ତି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ଉକ୍ତ ପରିବାରକୁ ଥଇଥାନ କରିବା ସହ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### କମେଣ୍ଟମରାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ

ବାହାନଗା/ସୋର, ୨୦।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ସୋର ଥାନା ଦାଣ୍ଡହରିପୁର ପଞ୍ଚାୟତର ପିତ୍ତଳପଦା ଗ୍ରାମର ନିକଟସ୍ଥ ଏକ ଢାବାରେ ଖାଇବା ସମୟରେ ଦୁଇ ଗୋଷ୍ଠୀ ମଧରେ କମେଣ୍ଟମରାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେ ହେଲେ ପିତ୍ତଳପଦା ଗ୍ରାମର ଅରୁଣ ମଳିକ। ମଙ୍ଗଳବାର ରାତିରେ ନାୟକବନ୍ଧର ଏକ ଢାବାରେ ଖାଇବା ସମୟରେ ସେହି ଅଞ୍ଚଳର ୩ଜଣ ଯୁବକ ଅରୁଣଙ୍କୁ କମେଣ୍ଟ ମାରିଥିଲେ। କମେଣ୍ଟମରାକୁ କେନ୍ଦ୍ର କରି ଉଭୟଙ୍କ ଭିତରେ ପାଟିତୁଣ୍ଡ ହେବା ସହିତ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଫଳରେ ଅରୁଣ ୩ଜଣ ଯୁବକଙ୍କ ଆକ୍ରମଣରେ ତଳେ ପଡି ଗୁରୁତର ହୋଇଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

### ସମିତିସଭ୍ୟଙ୍କ ପରଲୋକ

ବାସୁଦେବପୁର,୨୦।୪(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୁଡ଼ାମଣି ପଞ୍ଚାୟତର ନବନିର୍ବାଚିତ ଯୁବ ସମିତିସଭ୍ୟ



କୈଳାସ ଚନ୍ଦ୍ର ନାୟକ(୪୫)ଙ୍କର ବୁଧବାର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଦୁଇଦିନ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିଲା। ସେ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ଅକାଳ ବିୟୋଗରେ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ଅଗଣୀ ପ୍ରସାଦ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଲୋକଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ

**ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ବୈଠକ**

ବାଲେଶ୍ୱର ଅଫିସ, ୨୦।୪

ବାଲେଶ୍ୱର ଜିଲାର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଜିଲାର ସମସ୍ତ ଉପଜିଲାପାଳ, ତହସିଲଦାର ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ କ୍ଷାର ପାଣିରେ ମାଛ ଚାଷ ସମ୍ବନ୍ଧୀୟ ଲିଜ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ତହସିଲଦାରଙ୍କ ନିକଟରେ ଜିଲା କମିଟି ଦ୍ୱାରା ଅନୁମୋଦିତ ହୋଇଥିବା କିନ୍ତୁ କାର୍ଯ୍ୟକାରୀ ହୋଇ ନ ଥିବା ଲିଜ୍‌କୁ ଅଗ୍ରାଧିକାର ଭିତ୍ତିରେ କରିବା, ତହସିଲ ଓ ନିବନ୍ଧକ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସମ୍ମାନର ସହିତ ସେମାନଙ୍କର ଅଭିଯୋଗ ଶୁଣାଣି ଓ ଅଭିଯୋଗ ଉପରେ ତୁରନ୍ତ ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ନେବା, ସମସ୍ତ ଅଧିକାରୀଙ୍କୁ ନିଜ ଓ ନିଜ ଅଧୀନସ୍ଥ କାର୍ଯ୍ୟାଳୟରେ ଅଧିକ ସ୍ୱଚ୍ଛତା ଆଣିବା, ଜନସାଧାରଣଙ୍କୁ ଘରବାଡ଼ି ପଟ୍ଟା ସେବା ତ୍ୱରିତ୍ ଯୋଗାଇ ଦେବା, ବାଲେଶ୍ୱର, ବାହାନଗା ଓ ରେମୁଣା ତହସିଲଦାରଙ୍କୁ ଆସନ୍ତା ୭ଦିନ ମଧରେ ସମସ୍ତ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କୁ ଠିକ୍ ସମୟରେ ପଟ୍ଟା ଦେବା ଉପରେ ଆଲୋଚନା ହୋଇଥିଲା। ବାହାନଗା, ସୋର ଓ ରେମୁଣା ତହସିଲଦାରଙ୍କୁ ଆସନ୍ତା ଜୁନ୍ ୩୦ତାରିଖ ମଧରେ ସମସ୍ତ ବନ୍ଦୋବସ୍ତ ମାମଲାର ଫଇସଲା କରିବା, ଜିଲାରେ ୨୨୭ ଲଘୁ ଖଣିଜ ଉତ୍ସରୁ ମାତ୍ର ୬୪ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି ଏବଂ ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ସମସ୍ତ କ୍ଷେତ୍ରାଧିକାରୀଙ୍କୁ ଲଘୁ ଖଣିଜ ସମ୍ପଦରୁ



ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକ।

ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିବା, ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ତହସିଲଦାରମାନଙ୍କୁ ପୋଲିସ ସହ ଭଲ ସମନ୍ୱୟ ରକ୍ଷା କରି ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା, କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଜିଲା ମଧରେ କାର୍ଯ୍ୟକ୍ଷମ ଆନନ୍ଦପୁର ବ୍ୟାରେଜ୍ ଓ ସୁବର୍ଣ୍ଣରେଖା ଜଳସେଚନ ନିମନ୍ତେ ତ୍ୱରିତ୍ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଜାତୀୟ ରାଜପଥ-୧୬ରେ ଗୋପାଳପୁର, ଧାମରା ଓ ସୁବର୍ଣ୍ଣରେଖା ବନ୍ଦର ସଂଯୋଗୀକରଣ ନିମନ୍ତ ତ୍ୱରିତ୍ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯିବା ସହ ସରକାରୀ ପ୍ରକଳ୍ପରେ ଜମି ଅଧିଗ୍ରହଣ, ୫-ଟି ଉଚ୍ଚ ବିଦ୍ୟାଳୟକୁ ଏପ୍ରିଲ ୩୦ ସୁଦ୍ଧା ସଂଶୋଧିତ ଜମିପଟ୍ଟା ଦେବା, ନୂତନ ରାଜସ୍ୱ ନିରୀକ୍ଷକମାନଙ୍କ ପାଇଁ ବାସଭବନ ତଥା କାର୍ଯ୍ୟାଳୟ ନିର୍ମାଣ ଦିଗରେ ଏପ୍ରିଲ ୧୫ ସୁଦ୍ଧା ଜାଗା ଚହ୍ନଟ କରିବା, ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଏବଂ ନୀଲୁ ମହାପାତ୍ର, ପୌର ଅଧିକାରୀ ଆଶିଷ କୁମାର ପାଟିଲ, ବାଲେଶ୍ୱର ଉପ-ଜିଲାପାଳ କୁନାଲ ଚୌହାନ, ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇଜିଆର, ଭୂଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ, ଏନ୍‌ଆଇସିର ବରିଷ୍ଠ ଅଧିକାରୀ, ଜମିଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମିଗ୍ରହଣ ଅଧିକାରୀ, ତହସିଲଦାର ତଥା ଅନ୍ୟାନ୍ୟ କ୍ଷେତ୍ରାଧିକାରୀମାନେ ଉପସ୍ଥିତ ଥିଲେ।

## ୭ ପଞ୍ଚାୟତ ବୁଲିଲା ଶିକ୍ଷା ସଚେତନତା ରଥ

ବନ୍ତ,୨୦।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ମଙ୍ଗଳବାର ଦ୍ୱିତୀୟ ଦିବସରେ ଶିକ୍ଷା ସଚେତନତା ରଥ ପୁରୁଷଣ୍ଡ, ମହାନ୍ତିପଡ଼ା ସମେତ ୭ ପଞ୍ଚାୟତ ଭ୍ରମଣ କରିଥିଲା। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ସଚେତନତା ରଥକୁ ସ୍ୱାଗତ କରାଯିବା ସହ ସଭା ଆୟୋଜନ କରାଯାଇଥିଲା। ଗୋପୀନାଥପୁରରେ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ ଏହି ରଥକୁ ସ୍ୱାଗତ କରିଥିଲେ। ଅଣିଜୋଠାରେ ଶିକ୍ଷକ ଅଭୟ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ରମାକାନ୍ତ ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଏବିଇଓ ଗୟାଧର ପଣ୍ଡା, ସିଆର୍‌ସିସି ପ୍ରଫୁଲ୍ଲ ଜେନା, ଦେବବ୍ରତ ଦାସ, ବିକ୍ରମ କେଶରୀ ପାଳ, ପ୍ରଫୁଲ୍ଲ ନାୟକ, ଅଣିଜୋ ସରପଞ୍ଚ ମଞ୍ଜୁଲତା ପୃଷ୍ଟି, ସମିତିସଭ୍ୟା ଅତସ୍ମିତା ରାଉତ, ସମିତିସଭ୍ୟ ଧରଣୀଧର କର, ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ନାୟକ, ପରିଚାଳନା କମିଟି ସଭାପତି ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ଓ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ସେମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ନୃତ୍ୟ ପରିବେଷଣ କରାଯାଇଥିଲା।

# 'ସଂହତି, ସଂସ୍କୃତିର ବାର୍ତ୍ତାବହ ସଂସ୍କୃତ ଭାଷା'



ଶାନ୍ତିଲତା ସଂସ୍କୃତ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ।

ଭୋଗରାଇ, ୨୦।୪(ଡି.ଏନ.ଏ.)

ଭାରତର ଅଧିକାଂଶ ଭାଷାର ମୂଳ ଉତ୍ସ ହେଉଛି ସଂସ୍କୃତ। ଅତୀତରେ ଏହି ଭାଷା ଥିଲା ଭାରତୀୟଙ୍କ ରାଜଭାଷା। ସଂହତି ଓ ସଂସ୍କୃତିର ବାର୍ତ୍ତାବହସଂସ୍କୃତ ଭାଷାର। ଏହି ଭାଷାକୁ ଅଧିକ ଉଜ୍ଜୀବିତ କରିବାକୁ ସଂସ୍କୃତ ପ୍ରେମୀମାନେ ଅଣ୍ଟା ଭିଡ଼ିବାକୁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହାଗମ ସୀମାନ୍ତ ଶାନ୍ତିଲତା ସଂସ୍କୃତ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ସୋମବାର ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତ ଦେଇଛନ୍ତି।

ପ୍ରିୟବାଗ ସଂସ୍କୃତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ହେମନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧାପକ ତଥା ଶାନ୍ତିଲତା ମହାବିଦ୍ୟାଳୟ ମୁଖ୍ୟ ପ୍ରଦୀପ କୁମାର ଦାସ ବାର୍ଷିକ ଉତ୍ସବ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ରେଡ଼ିଏଣ୍ଟ ସ୍କୁଲ ଅଫ୍ ଇଂରାଜୀ ଆଣ୍ଡ ଆଇଟିର ଅଧକ୍ଷ ସତ୍ୟଜିତ୍ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ପ୍ରାଧାପକ ଡ. ମନୋରଞ୍ଜନ ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ୍‌ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ସାହାବାଜିପୁର ଚନ୍ଦନେଶ୍ୱର ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଭାଜପା ନେତା ଅଂଶୁମାନ ମହାନ୍ତି ପ୍ରମୁଖ ସଂସ୍କୃତ ଭାଷାକୁ ଚେତନାଦୀପ୍ତ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ସମ୍ବର୍ଦ୍ଧିତ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ମହାବିଦ୍ୟାଳୟ ସମସ୍ତ ଛାତ୍ରୀ, ପରିଚାଳନା କମିଟି, ଅଧାପିକା, ଅଧାପକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ସେଣ୍ଟ ଟେରେସା ସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଯୋଡ଼ା,୨୦।୪ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଯୋଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସେଣ୍ଟ ଟେରେସା ସ୍କୁଲର ୫୦ ବର୍ଷ ପୂର୍ତ୍ତି ସ୍ୱର୍ଣ୍ଣିମ ଦିବସ ବଡ଼ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଦେବା ନିମନ୍ତେ ଗଢି ଉଠିଥିବା ଉକ୍ତ ସ୍କୁଲ ବହୁ କମ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ୫୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସ୍କୁଲରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବା ଯୋଡ଼ାବାସୀଙ୍କ ପାଇଁ ଗର୍ବ ଆଣିଦେଇଛି। ବୁଧବାର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ତଥା ବାଲେଶ୍ୱରର ବରିଷ୍ଠ ଧର୍ମଯାଜକ ଇସାକ ପୁଥେନଙ୍ଗାଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଯୋଡ଼ା ପୌରାଧକ୍ଷ ଡା. ଜଗଦୀଶ ପ୍ରାସାଦ ସାହୁ, ଯୋଡ଼ା ପୌର ଉପାଧକ୍ଷା ସନ୍ଧ୍ୟାରାଣୀ ପାତ୍ର, ଯୋଡା ଟାଟାଷ୍ଟିଲ ପୂର୍ବତନ ମୁଖ୍ୟ ରାଜେଶ କୁମାର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ।

## ମାନବିକତା ଦେଖାଇଲେ ବିଡିଓ

ଚମ୍ପୁଆ, ୨୦।୪(ଡି.ଏନ୍.ଏ.)

ଅଫିସ କାର୍ଯ୍ୟରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତଙ୍କୁ ନିଜ ଗାଡିରେ ଆଣି ମାନବିକତାର ନିଦର୍ଶନ ଦେଖାଇଛନ୍ତି ଚମ୍ପୁଆ ବିଡିଓ ଜ୍ୟୋସ୍ନା ନାଏକ। ଖୁବ୍‌କମ୍ ଦିନ ଭିତରେ ଚମ୍ପୁଆ ବ୍ଲକର ଦାୟିତ୍ୱ ନେଇଥିବା ଜ୍ୟୋସ୍ନାଙ୍କ ମାନବିକତା ପାଇଁ ତାଙ୍କୁ ଜନସାଧାରଣ ସାଧୁବାଦ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ବୁଧବାର କାଳିକାପ୍ରସାଦ ଡଙ୍ଗାକଟା ନାଳ ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ବାଇକ୍‌ରେ ବିନୋଦ ଗିରି ଓ ତାଙ୍କ ଭଉଣୀ ଟୁରି ସାନନଇ ଯାଉଥିଲେ। ହଠାତ୍ ବ୍ରେକ୍ ମାରିବାରୁ ବାଇକ୍‌ରୁ ଉଭୟ ଛିଟିକି ପଡିଥିଲେ। ଫଳରେ ଟୁରି ଗିରିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମାନ ଦିଗରୁ ଅଫିସ କାର୍ଯ୍ୟରୁ ଫେରୁଥିବା ବିଡିଓ ଏହା ଦେଖି ତୁରନ୍ତ ଟୁରିଙ୍କୁ ଉଦ୍ଧାର କରି ନିଜ ଗାଡିରେ ଚମ୍ପୁଆ ଡାକ୍ତରଖାନା ପହଞ୍ଚାଇବା ସହିତ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତର ଭୀଷ୍ମ ପରିଡାଙ୍କ ସହ ଆଲୋଚନା କରିଥିଲେ।



ରୋଗୀଙ୍କ ଚିକିତ୍ସା ନେଇ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ବିଡିଓ ଜ୍ୟୋସ୍ନା ନାଏକ।

## ସୋର ମ୍ୟୁନିସିପାଲିଟିର ପ୍ରଥମ କାଉନସିଲ ବୈଠକ

ସୋର, ୨୦।୪(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟିର ପ୍ରଥମ ବୈଠକ ବୁଧବାର ନବନିର୍ବାଚିତ ଅଧକ୍ଷ ମାଧବ ଧଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଅଧକ୍ଷ ଧଡାଙ୍କ ସହ ୩ନଂ. ୱାର୍ଡର କାଉନସିଲର ତଥା ଉପାଧକ୍ଷା ସସ୍ମିତା ଦାସ, ଓ ଅନ୍ୟ ୧୮ଟି ୱାର୍ଡର ନବନିର୍ବାଚିତ କାଉନ୍‌ସିଲରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସ୍ୱଚ୍ଛତା, ଆବାସ, ଭତ୍ତା, ରାଶନ ଓ ମାର୍କେଟ୍ କମ୍ପ୍ଲେକ୍ସ ଆବଣ୍ଟନ ଆଲୋଚନା କରାଯାଇଥିଲା। ବିଶେଷ କରି ଏବେ ସହରାଞ୍ଚଳରେ ଉତ୍କଟ ପାନୀୟଜଳ ସମସ୍ୟା ଦୂର କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପିଏଚ୍‌ଡି ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ କାର୍ଯ୍ୟାଳୟ କନିଷ୍ଠଯନ୍ତ୍ରୀ ନାରାୟଣ ପ୍ରସାଦ ହୁଇ ଓ ମୁଖ୍ୟ କିରାଣି ବଂଶୀଧର ବାରିକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ ଖଣି ସୁରକ୍ଷା ସପ୍ତାହ

ଯୋଡ଼ା,୨୦।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ସୋୟାବାଲି ଠାରେ ବୁଧବାର ୫୯ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଡାଇରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫ୍‌ଟି (ଡିଜିଏମଏସ)ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) କମ୍ପାନୀର ଟି ଆର୍ ବି ଲୌହ ଖଣି ଦାରା ପରିଚାଳନା କରାଯାଇଥିଲା। ଧାନବାଦ ଖଣି ସୁରକ୍ଷା ମହାନିର୍ଦ୍ଦେଶକ ପ୍ରଭାତ କୁମାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ସହ ଖଣି ସୁରକ୍ଷା ନିର୍ଦ୍ଦେଶକ ଅଲତାଫ ହୁସେନ, ଚାଇଁବସ। କ୍ଷେତ୍ରର ନିର୍ଦ୍ଦେଶକ ଅନିଲ କୁମାର ଝା, ଜେପିଏଲ ଉପସଭାପତି ଆଶିଷ ପାଣ୍ଡେ, ଜେଏସ୍‌ପି ଉପସଭାପତି ପ୍ରମୋଦ କୁମାର ପାତ୍ରଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜେଏସ୍‌ପି ଉପସଭାପତି ପ୍ରମୋଦ କୁମାର ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଭାତ କୁମାର ସୁରକ୍ଷା ପତାକା ଉତ୍ତୋଳନ କରି କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ। ସେ ନିଜ ଭାଷଣରେ କହିଥିଲେ ଯେ, ଖଣି ଗୁଡ଼ିକରେ ସୁରକ୍ଷାକୁ ମଜଭୁତ କରିବା ପାଇଁ ଡିଜିଟାଇଜେଶନକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଅବସରରେ ୬ଟି ବିଭାଗରେ ବିଭିନ୍ନ ଖଣି ସମ୍ପର୍କିତ ପ୍ରତିଯୋଗିତାରେ କମ୍ପାନୀ ମାନେ ଜିତିଥିବା ସର୍ବମୋଟ ୧୯୨ଟି ପୁରସ୍କାର ପ୍ରଦାନ କରାଯାଇଥିଲ। ଶେଷରେ ଜେଏସ୍‌ପିର ଆସୋସିଏଟ ଭାଇସ ପ୍ରେସିଡେଣ୍ଟ ଅଜିତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳଛତ୍ର ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୨୦।୪ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁମ୍ଭାରିଆ ହନୁମାନ ଛକଠାରେ ବୁଧବାର ରୋଟାରି କ୍ଲବ ପକ୍ଷରୁ ଜଳଛତ୍ର ଶିବିର ଉଦ୍‌ଘାଟିତ ହୋଇଛି। ଭଦ୍ରକ ରୋଟାରିଆନ ତଥା କ୍ଲବର ଉପଦେଷ୍ଟା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସଞ୍ଜୀବ କୁମାର ପରିଡ଼ା ପଥଚାରୀଙ୍କୁ ଥଣ୍ଡାପାନୀୟ ବଣ୍ଟନ କରିଥିଲେ। ସମ୍ପାଦକ ଲଳିତ କୁମାର ରାଉତ, କୋଷାଧକ୍ଷ ରାମଚନ୍ଦ୍ର ନାୟକ, ପ୍ରତିଷ୍ଠାତା ସଦସ୍ୟ ପ୍ରଦୀପ ପରିଡ଼ା, ଅଜୟ କୁମାର ମିଶ୍ର, ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଦୋକାନରୁ ଚୋରି

କୁଲିଅଣା, ୨୦।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଲିଅଣା ହାଟପଦା ଛକଠାରେ ଥିବା ରାଜେଶ ଦାସଙ୍କ ମୋବାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଦୋକାନରୁ ମୋବାଇଲ, ବ୍ୟାଟେରି, ହେଡ୍‌ଫୋନ ଏବଂ ଟଙ୍କା ବାକ୍ସକୁ ନେଇ ଦୁଇଶହ ମିଟର ଦୂର ପଡିଆରେ ଏଣେତେଣେ ପକାଇ ପଳାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି।

# ପାନୀୟ ଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

**ପଞ୍ଚାୟତ ସମିତି ବୈଠକ**

ଖୁଣ୍ଟା, ୨୦।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ସ୍ଥିତ ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ୨ୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଝୁଲଣ ବାରସାଳିଆ ଏଥିରେ ଅଧକ୍ଷତା କରିଥିଲେ। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବ୍ଲକ ଉପାଧକ୍ଷ ରଶ୍ମିତା ଚୌଧୁରୀ, ବିଡିଓ ସଂଗ୍ରାମ କେଶରୀ ଭୋଳ, ଜିପିଓ ପଞ୍ଚାନନ ମହାପାତ୍ର, ଏମ୍‌ପି ପ୍ରତିନିଧି ସୁଶୀଲ କୁମାର ବାରିକଙ୍କ ସହ ୧୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ପ୍ରତିନିଧି ଓ ବ୍ଲକ କର୍ମଚାରୀମାନେ ବୈଠକରେ ଯୋଗ ଦେଇଥିଲେ। ଜିପିଓ ମହାପାତ୍ର ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଚଳିତ ବୈଠକର ଏଜେଣ୍ଡା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ବିଭାଗର ସରକାରଙ୍କ ପକ୍ଷରୁ ଚାଲିଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ପ୍ରତିନିଧିମାନଙ୍କର ସେ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଅଧିକାରୀ। ମୁଖ୍ୟତଃ ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ସଙ୍କଟ ସମ୍ପର୍କରେ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ, କୃଷି, ଅଙ୍ଗନୱାଡି ସେବା, ଶିକ୍ଷା ଓ ବିଭିନ୍ନ ଅଞ୍ଚଳର ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## କୁକୁଡ଼ା ଫାର୍ମରୁ ମୃତଦେହ ଜବତ

ହାଟଡିହୀ,୨୦।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ବଡ଼ରମ୍ପାସ ଗ୍ରାମ ଠାରୁ ଅନତିଦୂରରେ ଅବସ୍ଥିତ କେନାଲ ନିକଟ ଏକ କୁକୁଡ଼ା ଫାର୍ମରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ମଧାହ୍ନରେ କୁକୁଡ଼ା ଫାର୍ମ ମାଲିକ ଫାର୍ମକୁ ଯାଇଥିଲେ। ଯୁବକଙ୍କ ମୃତଦେହ ଦେଖି ନନ୍ଦିପଦା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଯୁବକଙ୍କ ପେଟରେ ବିଦ୍ୟୁତ ତାର ଲାଗି କିଛି ଅଂଶ ପୋଡ଼ିଯାଇଥିବା ଏବଂ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଛି। କୁକୁଡ଼ା ଚୋରି କରିବାକୁ ଯାଇ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବ୍ୟକ୍ତି ଜଣଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ବେଆଇନ ଇଟାଭାଟି, ଲୋକେ ଅତିଷ୍ଠ

ପଦ୍ମପୁର,୨୦।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ବେଧଡ଼କ ଭାବେ ଚାଲିଛି ବେଆଇନ ଇଟାଭାଟି। ନାୟକାଣିଡିହୀ, କରଞ୍ଜଆଡ଼ିଆ, ଗୋବିନ୍ଦପୁର, ବିଦେଇପୁର, ବିରସ, ବାଲିମେଦ, ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ, ରାଜଘରପୋଖରୀ ଓ ଆନ୍ଦୋଳା ପଞ୍ଚାୟତରେ ଶତାଧିକ ଇଟାଭାଟି ଗଢ଼ି ଉଠିଛି। ଏପରିକି ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ଜନବସତି, ଶିକ୍ଷାନୁଷ୍ଠାନ ନିକଟରେ ପୋଡ଼ା ଚାଲିଛି ଇଟାଭାଟି। ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଅସହ୍ୟ ଗରମ ସାଙ୍ଗକୁ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏଭଳି ସମୟରେ ଜନବସତି ପାଖରେ ତିଆରି ହୋଇଥିବା ଇଟାଭାଟି



କରଞ୍ଜଆଡ଼ି ଅଞ୍ଚଳରେ ଥିବା ଏକ ଇଟାଭାଟି।

ତାତି ବଢ଼ାଉଛି। ଇଟାଭାଟିର ତାତି ଓ ଏଥିରୁ ବାହାରୁଥିବା ଧୂଆଁରେ ଲୋକେ ଅତିଷ୍ଠ ହେଉଛନ୍ତି। ଏନେଇ ରାଜସ୍ୱ ବିଭାଗ କାଁ ଭାଁ ଜରିମାନା କରୁଥିବା ବେଳେ ବାକି ସବୁ ଭାଟି ମାଲିକ ଧର୍ମକୁ ଆଖିଠାର ମାରି ଇଟାଭାଟି ପୋଡୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ତହସିଲଦାର ଅନିତା ନାୟକଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

